**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**6 August– 2026**

# ନିବେଶକ ସମ୍ମିଳନୀ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜିଠାରୁ ତିନିଦିନିଆ ନୂଆଦିଲ୍ଲୀ ଗସ୍ତରେ ଯାଉଛନ୍ତି । ମୁଖ୍ୟମନ୍ତ୍ରୀ ଆସନ୍ତାକାଲି ଏବଂ ଶନିବାର ଦିନ ନୂଆଦିଲ୍ଲୀରେ ଓଡ଼ିଶା ଖାଦ୍ୟ ପ୍ରକ୍ରିୟାକରଣ ୨୦୨୬ ଏବଂ ନିବେଶକ ରୋଡ ଶୋ' କାର୍ଯ୍ୟକ୍ରମରେ ଯୋଗଦେବେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟରେ ନିବେଶ ପାଇଁ ବିଭିନ୍ନ ଶିଳ୍ପପତିଙ୍କ ସହ ଆଲୋଚନା କରିବେ ।

ଏ ସମ୍ପର୍କରେ ଶିଳ୍ପମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ କହିଛନ୍ତି...

**V/O**

# କ୍ୟାନ୍ସର ରୋଗୀ ଚିକିତ୍ସା

ରାଜ୍ୟରେ କର୍କଟ ରୋଗୀଙ୍କୁ ଅଧିକ ଉନ୍ନତମାନର ଦେୟମୁକ୍ତ ଚିକିତ୍ସା ସେବା ଯୋଗାଇ ଦେବା ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ କ୍ୟାନସର କେୟାର ଅଭିଯାନ ଅଧୀନରେ ୯୧ଟି ସ୍ୱତନ୍ତ୍ର କ୍ୟାନସର ଚିକିତ୍ସା ପ୍ୟାକେଜକୁ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଆରୋଗ୍ୟ ଯୋଜନା - ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ସାମିଲ କରାଯାଇଛି । ଏ ସମ୍ପର୍କରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ କହିଛନ୍ତି ଏଥିପାଇଁ ବଜେଟ୍‌ରେ ୩୧୧କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ନିଷ୍ପତ୍ତି ଦ୍ୱାରା

କ୍ୟାନସର ରୋଗୀମାନଙ୍କୁ ଆର୍ଥିକ ଚାପ ପାଇଁ ଚିକିତ୍ସା ସୁବିଧାରୁ ବଞ୍ଚିତ ହେବାକୁ ପଡିବ ନାହିଁ ବୋଲି ଶ୍ରୀ ମହାଲିଙ୍ଗ କହିଛନ୍ତି ।

## ବ୍ରିକ୍ସ - ଶିକ୍ଷାମନ୍ତ୍ରୀ ବୈଠକ

ଭୁବନେଶ୍ୱରରେ ବ୍ରିକ୍ସ ଶିକ୍ଷାମନ୍ତ୍ରୀଙ୍କ ତ୍ରୟୋଦଶ ବୈଠକ ଆରମ୍ଭ ହୋଇଛି । ବୈଠକରେ ଆସନ୍ତାକାଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ ଅଧ୍ୟକ୍ଷତା କରିବେ । ଏଥିରେ ଯୋଗଦେବାପାଇଁ ବ୍ରିକ୍ସ ସଦସ୍ୟ ରାଷ୍ଟ୍ରର ପ୍ରତିନିଧିମାନେ ଭୁବନେଶ୍ୱରରେ ପହଞ୍ଚିଛନ୍ତି । ସମ୍ମିଳନୀରେ ଲୋକକୈନ୍ଦ୍ରିକ ଏବଂ ମାନବତା ପ୍ରଥମ ଆଭିମୁଖ୍ୟ ଆଧାରରେ ଶିକ୍ଷା କ୍ଷେତ୍ରରେ ସହଯୋଗକୁ ନେଇ ଆଲୋଚନା କରାଯିବ ।

## ବନ୍ୟା ପରିସ୍ଥିତି

ରାଜ୍ୟରେ ବନ୍ୟା ପରିସ୍ଥିତି ସୁଧୁରିଥିବା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ବନ୍ୟାପାଣି ଛାଡିବା ପରେ କ୍ଷୟକ୍ଷତିର ଆକଳନ କରି ରିପୋର୍ଟ ପ୍ରଦାନ ପାଇଁ ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ମନ୍ତ୍ରୀ କହିଛନ୍ତି ।

ଉପୁମଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଗତକାଲି ବାଲେଶ୍ୱରରେ ବନ୍ୟା ପ୍ରଭାବିତ ଅଞ୍ଚଳର ସ୍ଥିତି ଅନୁଧ୍ୟାନ କରିଛନ୍ତି ।

## ସ୍ୱତନ୍ତ୍ର ସଘନ ଭୋଟର ତାଲିକା

ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ପାଇଁ ସମୟସୂଚୀ ପ୍ରକାଶ ପାଇଛି । ସଂଶୋଧିତ ସୂଚୀ ଅନୁଯାୟୀ ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ

ଭୋଟର ତାଲିକାରେ ନାମ ସଂଯୋଗ ସମ୍ବନ୍ଧିତ ଦାବି ଓ ଆପତ୍ତି ଦାଖଲ କରାଯାଇପାରିବ । ସେହିପରି ଦାବି ଓ ଆପତ୍ତିର ଶୁଣାଣି ଓ ଫଏସଲା ପ୍ରକ୍ରିୟା ଅବଧିକୁ ୧୭ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଚୂଡାନ୍ତ ଭୋଟର ତାଲିକା ଆସନ୍ତା ସେପ୍ଟେମ୍ବର ମାସ ୩୧ ତାରିଖରେ ପ୍ରକାଶ ପାଇବ ।

## ଓଜେଇଇ-ଅନ୍‌ଲାଇନ ପଞ୍ଜିକରଣ

ନିଟ୍-ୟୁଜି ୨୦୨୬ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କ ପାଇଁ ଆଜିଠାରୁ ଓଜେଇଇ ପକ୍ଷରୁ ଅନ୍‌ଲାଇନ୍ ପଞ୍ଜିକରଣ ଏବଂ କାଉନ୍‌ସେଲିଂ ଆରମ୍ଭ ହେବ । ପ୍ରାର୍ଥୀମାନେ କାଉନ୍‌ସେଲିଂର ସମ୍ପୂର୍ଣ୍ଣ କାର୍ଯ୍ୟସୂଚୀ ଓ ଅନ୍ୟାନ୍ୟ ସୂଚନା ପାଇଁ ଓଜେଇଇର ୱେବ୍‌ସାଇଟ୍‌ରେ ଲଗ୍‌ଇନ୍ କରିପାରିବେ ।

## ଇଏସ୍‌ଆଇସି-ନାମଲେଖା

ଭୁବନେଶ୍ୱରସ୍ଥିତ କର୍ମଚାରୀ ରାଜ୍ୟ ବୀମା ନିଗମ - ଇଏସ୍‌ଆଇସି ହସ୍ପିଟାଲରେ ୫୦ଟି ସିଟ୍‌ରେ ନାମଲେଖା ପାଇଁ ପ୍ରକ୍ରିୟା ଶେଷ ହୋଇଛି । ଏହି ନିଷ୍ପତ୍ତି ଦ୍ୱାରା ରାଜ୍ୟରେ ପ୍ରାୟ ୧୦ଲକ୍ଷ ଇଏସ୍‌ଆଇସି ବୀମାଭୁକ୍ତ ଶ୍ରମିକ ଏବଂ ସେମାନଙ୍କ ପରିବାର ଉପକୃତ ହେବେ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।

# ଯାନ ବେଗ ସୀମା

ଭଦ୍ରକ ଜିଲ୍ଲା ମଧ୍ୟ ଦେଇ ଯାଇଥିବା ୧୬ନମ୍ବର ଜାତୀୟ ରାଜପଥର ପାଣିକୋଇଲିଠାରୁ ଲକ୍ଷ୍ମଣନାଥ ପର୍ଯ୍ୟନ୍ତ ରାସ୍ତାରେ ଯାନ ଗୁଡ଼ିକର ସର୍ବାଧିକ ବେଗ ସୀମା ନିର୍ଦ୍ଧାରିତ କରାଯାଇଛି । ରାଜ୍ୟ ପରିବହନ ପ୍ରାଧିକରଣ ଏସ୍‌ଟିଏ ଓଡ଼ିଶା ପକ୍ଷରୁ ଇଣ୍ଟେଲିଜେଣ୍ଟ ଏନ୍‌ଫୋର୍ସମେଣ୍ଟ ମ୍ୟାନେଜମେଣ୍ଟ ମାଧ୍ୟମରେ ରାଜ୍ୟର ୯ଟି ଜାତୀୟ ଓ ରାଜ୍ୟ ରାଜପଥରେ ସ୍ୱୟଂଚାଳିତ ଇ-ଚାଲାଣ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି ।

# ସଡ଼କ ସୁରକ୍ଷା ଟାକ୍ସଫୋର୍ସ

କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆର୍ ଆୟାରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ସଡ଼କ ସୁରକ୍ଷା ଟାସ୍କଫୋର୍ସ ଏବଂ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାରେ ସଡ଼କ ଦୁର୍ଘଟଣା ହ୍ରାସ, ଯାତାୟତ ନିୟମର କଡାକଡି ପାଳନ ଏବଂ ସଡ଼କ ସୁରକ୍ଷା ଭିତ୍ତିଭୂମିର ସୁଦୃଢ଼ୀକରଣ ଉପରେ ଆଲୋଚନା କରାଯାଇଥିଲା ।

# ବୈଠକ

ନୂଆପଡା ଜିଲ୍ଲା ବୋଡେନ ବ୍ଲକସ୍ଥିତ ଲକ୍ରା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂତନ ଶିକ୍ଷାନୀତି ୨୦୨୦ ସମ୍ପର୍କିତ ବୈଠକରେ ଶିକ୍ଷାପ୍ରତି ରୁଚି ସୃଷ୍ଟି କରିବା ସହ ଶିଶୁ ମନୋବିଜ୍ଞାନ ଉପରେ ଗୁରୁତ୍ୱ ଦିଆଯାଇଛି ।

ବୈଠକରେ ପରିଚାଳନା କମିଟିର ନୂତନ ସଭାପତିଙ୍କ ସମେତ ୨୫ଜଣ ସଭ୍ୟ ମନୋନୀତ ହୋଇଥିଲେ ।

## ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ

ପୂର୍ବତଟ ରେଳପଥ ପକ୍ଷରୁ ଆସନ୍ତାକାଲିଠାରୁ ପୁରୀ-ସୋଲାପୁର ଜଙ୍ଗସନ ମଧ୍ୟରେ ଏକ ସ୍ୱତନ୍ତ୍ର ଏକ୍ସପ୍ରେସ୍ ଟ୍ରେନ୍ ଚଳାଚଳ କରିବ । ଟ୍ରେନ୍‌ଟି ଶୁକ୍ରବାର ରାତି ୧୧ଟା ୪୫ରେ ପୁରୀରୁ ଯାତ୍ରା ଆରମ୍ଭ କରି ରବିବାର ଭୋର୍ ୪ଟା ୧୫ରେ ସୋଲାପୁର ଜଙ୍କସନରେ ପହଞ୍ଚିବ ।

## ପାଣିପାଗ

ରାଜ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ସକ୍ରିୟ ରହିଛି । ଏହାର ପ୍ରଭାବରେ ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଆସନ୍ତା ୧୧ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ । ଆସନ୍ତା ୨୪ଘଣ୍ଟା ମଧ୍ୟରେ ବିଜୁଳି ଘଡଘଡି ସହ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଗତ ୨୪ଘଣ୍ଟା ମଧ୍ୟରେ ତାଳଚେରଠାରେ ସର୍ବାଧିକ ୮୦ ମିଲିମିଟର ବର୍ଷା ରେକର୍ଡ ହୋଇଛି ।

## ହକି ଚାମ୍ପିୟନସିପ୍

ଷୋଡଶ ଜାତୀୟ ଜୁନିୟର ପୁରୁଷ ହକି ଚାମ୍ପିୟନସିପ୍ ଡିଭିଜନ-ଏର ସେମିଫାଇନାଲରେ ହକି ଆସୋସିଏସନ ଅଫ୍ ଓଡ଼ିଶା ପ୍ରବେଶ କରିଛି । ତାମିଲନାଡୁର କୋଏମ୍ବାଟୁରରେ ଚାଲିଥିବା ଏହି ଚାମ୍ପିୟନସିପ୍‌ରେ

ଗତକାଲି ଓଡ଼ିଶା କ୍ୱାର୍ଟର ଫାଇନାଲରେ ହରିୟାଣାକୁ ୫-୧ ଗୋଲ୍‌ରେ ପରାସ୍ତ କରିଛି । ସେମିଫାଇନାଲରେ ଓଡ଼ିଶା ଦଳ ପଞ୍ଜାବକୁ ଭେଟିବ ।